# ସାମ୍ପ୍ରତିକ ସମୟରେ ନୂତନ ଆଶାର ଆଲୋକ: ବୃଦ୍ଧାଶ୍ରମ

ମନୁଷ୍ୟ ଏକ ସାମାଜିକ ପ୍ରାଣୀ। ସମାଜର ନୀତି, ନିୟମ, ଶୃଙ୍ଖଳାର ଆବଦ୍ଧ ପରିସୀମା ହେଉଛି ତା' ପାଇଁ ପ୍ରକୃଷ୍ଟ କ୍ଷେତ୍ର। ଏହି କ୍ଷେତ୍ର ମଧ୍ୟରେ ରହିଲେ ତା'ର ପ୍ରକୃତ ମନୁଷ୍ୟତ୍ୱ ପ୍ରକଟିତ ହେବ। ଏକ ସୁସ୍ଥ ହିତୈଷୀ ସମାଜ ଗଠନ ହୋଇପାରିବ। ବୈଦିକ ଯୁଗରୁ ଆରମ୍ଭ କରି ଅତ୍ୟାଧୁନିକ ଯୁଗ ପର୍ଯ୍ୟନ୍ତ ପାରିବାରିକ ସହବନ୍ଧନ ହିଁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରି ଆସିଛି। ମନୁଷ୍ୟ ନିତ୍ୟ ନିୟମିତ ଚଳଚଂଚଳ। ସାଂପ୍ରତିକ ପରିସ୍ଥିତିରେ ସେ ଜଟିଳତା ଆଡ଼କୁ କ୍ରମଶଃ ପ୍ରବେଶ କରିଚାଲିଛି। ତା' ପାଖରେ ସମୟର ଘୋର ଅଭାବ। ତା'ର ଚାଲିଚଳନ, ଖାଦ୍ୟପେୟ, ପରମ୍ପରା, ଆଦର୍ଶ ଓ ଆଚରଣ ଆଦିରେ ପରବର୍ତ୍ତିତ ସ୍ୱରୂପ ଲକ୍ଷ୍ୟ କରାଯାଉଛି। ବସ୍ତୁବାଦୀ ଭୋଗ ବିଳାସ ଓ ଲାଳସାର ପ୍ରାଚୁର୍ଯ୍ୟ ମନୁଷ୍ୟକୁ ମୋହଗ୍ରସ୍ତ କରି ପରିବାର ଠାରୁ ଦୂରେଇ ଦେଉଛି। ସେ ହେଉଛି ସହରାଭିମୁଖୀ। ନିଜର ପ୍ରତିଷ୍ଠା, ପିଲାମାନଙ୍କର ଭବିଷ୍ୟତ ହୋଇଛି ତା' ଜୀବନର ପ୍ରମୁଖ ଲକ୍ଷ୍ୟ। ବାପା, ମାଆ, ଦାଦା, ଖୁଡ଼ୀ, ଜେଜେବାପା, ଜେଜେମା' ଆଦିଙ୍କ ସହିତ କେବଳ ସେ ରଖିପାରିଛି ବେତାର ସଂପର୍କ। ତାହା ପୁଣି ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଫଳରେ ପାରିବାରିକ ସହବନ୍ଧନର ନିବିଡ଼ତାର ଚିତ୍ର ପ୍ରତ୍ୟହ ବଦଳି ଯାଉଛି। ଯୌଥ ପରିବାରର ଅପୂର୍ବ ଶକ୍ତି ଆଜି ବିପନ୍ନ। ବୃଦ୍ଧ ପିତାମାତା ଲହୁଲୁହାଣ ହୋଇ ପରିଶ୍ରମ କରି ନିଜ ସନ୍ତାନକୁ ମଣିଷ କରିଥାନ୍ତି ବୃଦ୍ଧବସ୍ଥାର ସାହାରା ମନେକରି। ମାତ୍ର ଅତ୍ୟାଧୁନିକ ସମୟ ଭିନ୍ନଭାବେ ପ୍ରତୀୟମାନ ହେଉଛି। ବୃଦ୍ଧ ପିତାମାତା ଏଠି ଅପାଂକ୍ତେୟ। ବୈଦିକ ଶିକ୍ଷା ସଂସ୍କୃତି ପାଇଁ ବିଶ୍ୱସ୍ତରରେ ପ୍ରସିଦ୍ଧି ଲାଭ କରିଥିବା ଭାରତବର୍ଷ ତଥା ଉତ୍କଳରେ ସଙ୍ଗଠିତ ଯୌଥ ପରିବାରର ଚିତ୍ର ଏବେ ଅବକ୍ଷୟମୁଖୀ। ବୃଦ୍ଧ ଦମ୍ପତିମାନଙ୍କ ମାନସିକତା ସହିତ ଯୁବ ସମୁଦାୟଙ୍କର ମାନସିକତା ମଧ୍ୟରେ ଦୂରତ୍ୱ କ୍ରମବର୍ଦ୍ଧିଷ୍ଣୁ ରୂପ ଧାରଣ କରିବା ବର୍ତ୍ତମାନ ସମୟ ପାଇଁ ସବୁଠାରୁ ବଡ ବିପଦ ଭାବେ ଉଭା ହୋଇଛି।

ସରକାରୀ ନିୟମ ଅନୁସାରେ ଜଣେ ନାଗରିକକୁ ଷାଠିଏ ବର୍ଷ ହୋଇଯିବା ପରେ ତାକୁ ଅବସର ଗ୍ରହଣ କରିବାକୁ ପଡ଼ିଥାଏ। ଅର୍ଥାତ୍ ଷାଠିଏ ବର୍ଷ ବୟସ ପର୍ଯ୍ୟନ୍ତ ତା' ପାଖରେ କାର୍ଯ୍ୟ ଦକ୍ଷତା ଅଧିକ ଥାଏ, ମାତ୍ର ସାଧାରଣରେ ଦେଖାଯାଏ ଜଣେ ବ୍ୟକ୍ତିକୁ ଷାଠିଏ ବର୍ଷରେ ସଂପୂର୍ଣ୍ଣ ବାର୍ଦ୍ଧକ୍ୟ ଆସିନଥାଏ। ତାଙ୍କ ପାଖରେ ପୂର୍ବାପେକ୍ଷା ଶକ୍ତି କମି ଯାଉଥିଲେ ହେଁ ସେ କେବେ ଏକାବେଳକେ ଅସମର୍ଥ ହୋଇଯାଇ ନଥାନ୍ତି। କେବେ ନିଜର ପୁତ୍ର-କନ୍ୟାଙ୍କର ଅନୁପସ୍ଥିତତାରେ ସେମାନେ ମାନସିକ ସ୍ତରରେ ଦୁର୍ବଳ ହୋଇପଡ଼ନ୍ତି। ସେମାନଙ୍କର ଆବଶ୍ୟକତାକୁ ଅନୁଭବ କରୁଥିଲେ ହେଁ ସେମାନଙ୍କର ଅନୁପସ୍ଥିତି ଯୋଗୁଁ ଚାପର ବଶବର୍ତ୍ତୀ ହୋଇଥାନ୍ତି। ମାନସିକ ଚାପ ହିଁ ଶରୀରକୁ ତ୍ୱରିତ ଦୁର୍ବଳ କରିଦେଇଥାଏ। ଫଳରେ ରୋଗଗ୍ରସ୍ତ ହୋଇ ଅସହାୟ ଭାବରେ ଶେଷ ଜୀବନକୁ ଅତିବାହିତ କରିଥାନ୍ତି।

ଏଭଳି ଏକ କରୁଣ ପରିସ୍ଥିତିରେ ଜୀବନଚର୍ଯ୍ୟା କଷ୍ଟସାପେକ୍ଷ। ଏ ପରିସ୍ଥିତିରୁ ମୁକ୍ତ ହେବାକୁ ମନୁଷ୍ୟର ବ୍ୟଗ୍ରତା ବଢ଼ିଚାଲିଛି। ତା' ପାଖରେ ଅର୍ଥ ଅଛି, ପ୍ରତିପତି ଅଛି, ସୁସ୍ଥଭାବରେ ବଂଚିବାର ଆଗ୍ରହ ମଧ୍ୟ ଅଛି। ମାତ୍ର ବାଧକ ସାଜିଛି ସମୟ। ସମୟ ବଦଳିବାରେ ଲାଗିଛି। ତଦନୁଯାୟୀ ପରିବେଶ, ପରିସ୍ଥିତି ମଧ୍ୟ ବଦଳୁଛି। ଯୁବଗୋଷ୍ଠୀଙ୍କଠାରୁ ବୃଦ୍ଧ ପିତାମାତାମାନେ ନିର୍ଭର ଆଶ୍ରୟର ପ୍ରତିଶ୍ରୁତି ହରାଇ ବସୁଛନ୍ତି। ଏଭଳି ସ୍ଥିତିରେ ଭାରତବର୍ଷର କିଛି ମହାନୁଭବୀ ସହୃଦୟ ବ୍ୟକ୍ତି ବିଦେଶରେ ଗଢ଼ି ଉଠିଥିବା Old Age Home ପରି ନିର୍ଭୟ ଆଶ୍ରୟସ୍ଥଳୀମାନ ଆମ ଦେଶରେ ମଧ୍ୟ ଗଠନ କରିବାର ସଂକଳ୍ପ ନେଇ କୃତକାର୍ଯ୍ୟ ହେଲେଣି। ସେହି ଅନୁଷ୍ଠାନଗୁଡ଼ିକରେ ବୃଦ୍ଧ ଦମ୍ପତିମାନଙ୍କ ପାଇଁ ନିର୍ଭୟ ଆଶ୍ରୟସ୍ଥଳୀର ଆଶା ସଂଚାର କରିଛି। ଏଠାରେ ସେମାନଙ୍କ ପାଇଁ ଉତମ ଖାଦ୍ୟ, ଯୋଗ, ପ୍ରାଣାୟାମ, ଦୈନିକ କିଛି ଶ୍ରମ ଆଦିର ସୁବ୍ୟବସ୍ଥିତ ସ୍ୱରୂପ ଦେଖିବାକୁ ମିଳେ। ଅବସରକାଳୀନ ସମୟ ବିତାଇବା ପାଇଁ ନାନା ପ୍ରକାରର ଚିତବିନୋଦନ କାର୍ଯ୍ୟକ୍ରମ ଆଦି ଏଭଳି ଅନୁଷ୍ଠାନରେ ଉପଲବ୍ଧ। ଶୀତତାପନିୟନ୍ତ୍ରିତ କକ୍ଷରେ ସେମାନଙ୍କର ଯେଭଳି କୌଣସି ଅସୁବିଧା ନହୁଏ, ତା' ପାଇଁ ଅନୁଷ୍ଠାନର କର୍ମକର୍ତ୍ତାଗଣ ବେଶ ଯତ୍ନଶୀଳ। ଓଡ଼ିଶାର ବଡ଼ବଡ଼ ସହରରେ ମଧ୍ୟ ବୃଦ୍ଧାଶ୍ରମ ଭଳି ଅନୁଷ୍ଠାନ ପରିଣତ ବୟସର ବ୍ୟକ୍ତିମାନଙ୍କ ନିମିତ ନୂତନ ଆଶା ସଂଚାର କରିଛି- ଏହା ଅତ୍ୟନ୍ତ ଆନନ୍ଦର ବିଷୟ।

**–ଜ୍ଞାନେନ୍ଦ୍ର ସେନାପତି**
ମ୍ୟାନେଜିଂ ଟ୍ରଷ୍ଟି
ଶ୍ରୀ ସାଇସେବା ଟ୍ରଷ୍ଟ, ଭୁବନେଶ୍ୱର
ଫୋନ୍ : ୯୪୩୭୦୯୦୯୩୧

# ଯୌଥ ପରିବାର ବିଲୟରେ ସମାଜର ସମସ୍ୟା ଓ ତା'ର ସମାଧାନ ପାଇଁ ବିକଳ୍ପ ଚିନ୍ତା

ଭାରତବର୍ଷରେ ପୁରାତନ ଯୁଗର ଅନେକ ପରମ୍ପରା, ଚାଲିଚଳନ, ଖାଦ୍ୟପେୟ, ପୋଷାକ ପରିଚ୍ଛେଦ ଆଦି ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଜନବସତି ବୃଦ୍ଧି ସଂଗେ ସଂଗେ ମଣିଷର ପାରିପାର୍ଶ୍ୱିକ ଅବସ୍ଥାରେ ମଧ୍ୟ ପରିବର୍ତନ ଆସିଛି। ପାଶ୍ଚାତ୍ୟ ଦେଶର ଅତି ଆଧୁନିକ ପ୍ରଣାଳୀ ଆମର ଦେଶର ସଂସ୍କୃତିର ଅଗ୍ରଗତିରେ ଏକ ପ୍ରତିବନ୍ଧକ ସୃଷ୍ଟି କରିଛି। ବିଜ୍ଞାନ ଆଧୁନିକ ପଦ୍ଧତିରେ ଅନେକ ଜଟିଳ ସମସ୍ୟା ଦୂର କରିପାରିଛି। ମନୁଷ୍ୟ ମଧ୍ୟରେ ଥିବା ଭାଇଚାରା ସମ୍ପର୍କରେ ଅବକ୍ଷୟ ଘଟିଛି। କିଛିବର୍ଷ ପୂର୍ବେ ଆମ ଦେଶରେ ପ୍ରାୟତଃ ଯୌଥ ପରିବାର ଦେଖାଯାଉଥିଲା। ଯୌଥ ପରିବାର ଜେଜେବାପା, ଜେଜେମା, ଦାଦା, ଖୁଡ଼ୀ, ବଡ଼ବାପା, ବଡ଼ମା, ଭାଇଭଉଣୀ, ନାତି, ନାତୁଣୀ ଆଦି ସମସ୍ତଙ୍କୁ ନେଇ ଗଠିତ ଥିଲା। ପରିବାରର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ କର୍ମକ୍ଷେତ୍ରକୁ ବାହାରକୁ ଯାଉଥିଲେ ଓ ସମସ୍ତ ପରିବାରର ସଦସ୍ୟମାନଙ୍କ ମଧ୍ୟରେ ଏକ ଦୃଢ଼ ସମ୍ପର୍କ ରହିପାରୁଥିଲା। ପାଂଚ ଆଙ୍ଗୁଳି ଯେପରି ଭିନ୍ନଭିନ୍ନ କାମ କରିବାରେ ନିପୁଣ ଥାଏ କିନ୍ତୁ ପାଂଚ ଆଙ୍ଗୁଠି ମିଶ୍ରଣରେ ହାତମୁଠାଟି ଶକ୍ତ ହୋଇଥାଏ ସେପରି ଯୌଥ ପରିବାର ଏକ ଅପୂର୍ବ ଶକ୍ତିଭରା ପରିବାର ଥିଲା।

ଏକ ପରିବାରର ୫/୬ଜଣ ଭାଇଭଉଣୀ ଥିଲେ, ଜଣେ, ଦୁଇ ଜଣ ସରକାରୀ ଚାକିରି କଲେ, ଅନ୍ୟ ଜଣେ ଚାଷବାସ କଲେ ଓ ଅନ୍ୟ ଜଣେ ବ୍ୟବସାୟ କରି ପରିବାରକୁ ସାହାଯ୍ୟ କରୁଥିଲେ ଏବଂ ବାପା, ମାଆ, ଦାଦା, ଖୁଡ଼ୀ ସମସ୍ତ ପରିବାରର ସଦସ୍ୟଙ୍କୁ ଏକତ୍ର ବାନ୍ଧି ରଖିବାରେ ସହାୟକ ହେଉଥିଲେ । ପିଲାମାନେ ପାଠପଢ଼ିବା ସଂଗେସଂଗେ ଉପଯୁକ୍ତ ଶିକ୍ଷା ଓ ସଂସ୍କୃତି ବିଷୟରେ ଅବଗତ ଥିଲେ। ମାତ୍ର ସମୟ ଅନୁସାରେ ଶିକ୍ଷାଗତ ଯୋଗ୍ୟତା ସମସ୍ତଙ୍କ ପାଇଁ ଜରୁରୀ ହୋଇପଡିଛି । ମାଆ, ବାପାମାନେ ଉଚ୍ଚଶିକ୍ଷା ଓ ଉତମ ଚାକିରି ପାଇବା ପାଇଁ ଗାଁ-ଗଣ୍ଡା ଛାଡି ସହରକୁ ଆସିବାକୁ ବାଧ୍ୟ ହେଉଛନ୍ତି, ତଦ୍ୱାରା ପରିବାରର ସମସ୍ତେ ସମସ୍ତଙ୍କ ଠାରୁ ଆସ୍ତେ ଆସ୍ତେ ଅଲଗା ହୋଇ ଯାଉଛନ୍ତି । ଫଳରେ ଆର୍ଥିକ ମାନଦଣ୍ଡ ଓ ପରସ୍ପର ପରସ୍ପରକୁ ସାହାଯ୍ୟ ଓ ସଦିଚ୍ଛା କ୍ରମଶଃ ଦୁର୍ବଳ ହୋଇପଡୁଛି। ମନୁଷ୍ୟ ଏକା ଏକା ସମସ୍ତ ପରିସ୍ଥିତିକୁ ସାମ୍ନା କରି ନପାରି ମାନସିକ ଭାରସାମ୍ୟ ହରାଇ ବସୁଛି।

ମଧ୍ୟବିତ ପରିବାର ଓ ନିମ୍ନମଧ୍ୟବିତ ପରିବାରର ବାପା-ମାଆମାନେ ଉଚ୍ଚଶିକ୍ଷା ପାଇଁ ପିଲାମାନଙ୍କୁ ଦେଶ ଓ ବିଦେଶରେ ବିଭିନ୍ନ ସ୍ଥାନକୁ ପଠାଇବାରେ ତାଙ୍କର ସମସ୍ତ ସମୟ ଓ ପୁଞ୍ଜି ବିନିଯୋଗ କରୁଛନ୍ତି। ପିଲାମାନେ ଦେଶ ବିଦେଶରେ ଚାକିରି କଲାପରେ ମାଆ-ବାପା ଏକା ହୋଇଯାଉଛନ୍ତି। ଅଧିକାଂଶ ପରିବାରର ପିଲାମାନେ ବାହାରକୁ ଯାଇ ପୁଣି ନିଜ କାମରେ ଏତେ ବ୍ୟସ୍ତ ରହିଯାଉଛନ୍ତି ଯେ ବାପା-ମା'ଙ୍କ କଥା ବୁଝିବାକୁ, ଦେଖିବାକୁ ତାଙ୍କ ପାଖରେ ସମୟ ନାହିଁ । କେବଳ ଟଙ୍କା ପଠାଇବା ଛଡ଼ା ତାଙ୍କ ପାଖରେ ରହି ଦେଖାଶୁଣା କରିବା ପିଲାମାନଙ୍କ ପାଖରେ ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡୁଛି।

ପିଲାଟିଏ ଜନ୍ମ ହେଲାପରେ ବାପା ମାଆ, ବଡ଼ମାନଙ୍କ ସହାୟତାରେ ଛିଡା ହୁଏ ଓ ଚାଲି ଶିଖେ । ବାପା, ମା, ଭାଇଭଉଣୀ ସାଙ୍ଗରେ ଖେଳି, କୁଦି ସମୟ କଟାଏ। ପର ମୂହୁର୍ତଟି ଶିକ୍ଷାପାଇଁ ସ୍କୁଲ, କଲେଜରେ କଟିଥାଏ। ପୁଣି ଚାକିରି କିମ୍ବା ବ୍ୟବସାୟ କରି ଏକ ଅଭିଭାବକର ଦାୟିତ୍ୱ ତୁଲାଇଥାଏ । ତା'ପରେ ପୁଣି ନିଜ ପିଲାଙ୍କ ଦାୟିତ୍ୱ ବୁଝୁବୁଝୁ ଏକ ପରିଣତ ବୟସରେ ପଦାର୍ପଣ କରିଥାଏ। ଏହା ଏକ ସମାଜର ଗତାନୁଗତିକ ବାସ୍ତବ ଚିତ୍ର। ୬୦ ବର୍ଷପରେ ସରକାରୀ ନିୟମାନୁଯାୟୀ ଆମେ ବୃଦ୍ଧ ନାଗରିକ ହୋଇଯାନ୍ତି, କିନ୍ତୁ ଏହି ସମୟରେ ପ୍ରକୃତ ବାର୍ଦ୍ଧକ୍ୟ ଆସିନଥାଏ। ପିଲାମାନଙ୍କୁ ଶିକ୍ଷାଦିକ୍ଷା ଦେଇ କାର୍ଯ୍ୟକ୍ଷେତ୍ରକୁ ଛାଡିଦେଲା ପରେ ସେମାନେ ପୁଣି ନିଜର ସଂସାରକୁ ନିଜେ ଚଲାଇଥାନ୍ତି। ସ୍ୱାମୀ, ସ୍ତ୍ରୀ ଉପରେ ଏବଂ ସ୍ତ୍ରୀ ସ୍ୱାମୀ ଉପରେ ନିର୍ଭରଶୀଳ ହୋଇ ବୟସ ପରେ ବୟସ ଅତିକ୍ରମ କରି ଚାଲନ୍ତି। ବୃଦ୍ଧ ଦମ୍ପତିମାନଙ୍କ ସୁରକ୍ଷା କ୍ରମେ ହ୍ରାସ ପାଇବାରେ ଲାଗିଛି। ତେଣୁ ସେମାନଙ୍କ ମନୋବଳ ଦିନକୁ ଦିନ ଭାଙ୍ଗି ପଡୁଛି, ଭାବର ଆଦାନପ୍ରଦାନ କରିବା କଷ୍ଟକର ହୋଇପଡୁଛି। ଯୁବପିଢ଼ିଙ୍କର ଦୈନିକ ଚାଲିଚଳନରେ ନିଜକୁ ଖାପଖୁଆଇ ଚଳିବା କଷ୍ଟକର ହୋଇପଡୁଛି।

ବୃଦ୍ଧ ବୟସରେ ମନୁଷ୍ୟ ଉତମ ଖାଦ୍ୟ ସହ, ଯୋଗ, ପ୍ରାଣାୟମ, ବ୍ୟାୟାମ କରିବା ଦ୍ୱାରା ମାନସିକ ସ୍ଥିରତା ଆସିଥାଏ ଏବଂ ଏ ସମସ୍ତ କାର୍ଯ୍ୟ ଆମେ ବୃଦ୍ଧାଶ୍ରମରେ ସୁଚିନ୍ତିତ ଉପାୟରେ କରପାରିବା। ଏଥିପାଇଁ ଜରାନିବାସ ଅତ୍ୟନ୍ତ ଜରୁରୀ ହୋଇପଡିଲାଣି। ଆଜିକାଲିର ଯୁବପିଢ଼ି ଯଦି ସୁସ୍ଥ ମନରେ ଚିନ୍ତା କରିବେ ତେବେ ବୃଦ୍ଧ ପିତାମାତାଙ୍କର ଏକ ନିରାପଦ ଏବଂ ଉତମ ଜୀବନର ବଂଚିବାର ରାହା ଦେଖିପାରିବେ। ବୃଦ୍ଧାଶ୍ରମ ଏପରି ଏକ ଦିବ୍ୟ ପରିକଳ୍ପନା ଯାହା ସମସ୍ତ ପିଢ଼ିଙ୍କୁ ଏକ ନିଶ୍ଚିତ ଓ ସୁସ୍ଥ ଜୀନଯାପନ ଗଠନରେ ସହାୟକ ହେବ।

Old Age Home ଏପରି ଏକ ଯୋଜନା ଯାହା ମାନସିକ ଓ ଶାରୀରିକ ସ୍ତରରେ ବ୍ୟକ୍ତିକୁ ସୁଦୃଢ଼ କରିଥାଏ। ଶରୀରକୁ ସମସ୍ତ ଚାପରୁ ମୁକ୍ତ କରାଇଥାଏ। ଶରୀର ମଧ୍ୟରେ ଥିବା ଅନାବଶ୍ୟକ ବାହ୍ୟ ଉତେଜନା, ମାନସିକ ଦୁର୍ଭାବନାକୁ ଫିଙ୍ଗିଦେଇ ପରିବର୍ତିତ ବୋଧଶକ୍ତି ଆହରଣରେ ସାହାଯ୍ୟ କରେ। ୬୦ବର୍ଷ ବୟସକୁ ପରିଣତ ବୟସ ନଭାବି ଆସନ୍ତୁ ଆଗାମୀ ବର୍ଷଗୁଡିକରେ ନିଜ ଶୈଳୀରେ ବଂଚିବାକୁ ହେଲେ ଆମେ ସମସ୍ତେ ଏକାଠି ହୋଇ ନିଜର କିଛି ଶ୍ରମ, ସମୟ ଓ ଅର୍ଥ ଦେଇ ପରସ୍ପର ପରସ୍ପରର ମୁହଁରେ ହସ ଫୁଟାଇବା।

**-ଜ୍ଞାନେନ୍ଦ୍ର ସେନାପତି**
ମ୍ୟାନେଜିଂ ଟ୍ରଷ୍ଟି
ଶ୍ରୀ ସାଇସେବା ଟ୍ରଷ୍ଟ, ଭୁବନେଶ୍ୱର, ଫୋନ୍ : ୯୪୩୭୦୯୦୯୩୧